

# କଟକ ସିଟି

## ବସ୍ତିରେ କ୍ରୀଡ଼ା ଉତ୍ସବ



କଟକ, ୯ ।୨(ସମିସ)

ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, 'ନୂଆ-ଓ ନୂତନ ଓଡ଼ିଶା ନବୀନ ଓଡ଼ିଶା'ର କ୍ରୀଡା ଉତ୍ସବ ୮ନମ୍ବର ୱାର୍ଡ ତଅଁଳା ସାହି ଠାରେ ଆୟୋଜିତ ହୋଇଛି। କଟକ ମହାନଗର ନିଗମ ସଂଯୋଜନାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କଟକ ମେୟର ସୁବାସ ସିଂ ସହ ସ୍ଥାନୀୟ କର୍ପୋରେଟର ନମିତା ବାରିକ, ସତ୍ୟବ୍ରତ ରଣା, ରାମଚନ୍ଦ୍ର ନାୟକ, ସତ୍ୟପ୍ରିୟ ନାୟକ, ସୁଧୀର ସେଠୀ ପ୍ରମୁଖ ଖେଳର ଉପକାରିତା ଓ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ଖେଳ ଶେଷରେ ମେୟର ଶ୍ରୀ ସିଂହ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଦେବେନ୍ଦ୍ର ପାଣିଗ୍ରାହୀ, ଦୀପ୍ତି ରଞ୍ଜନ ରାୟ, ବିନୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ଚିମିନି ଇଟାଭାଟି ଉପରେ ଲାଗୁନି ରୋକ୍

କଟକ, ୯ ।୨(ସମିସ)

ବାୟୁ ପ୍ରଦୂଷଣ କଟକ ସହରରେ ସଂଗୀନ ସ୍ଥିତି ସୃଷ୍ଟି କରିଆସୁଛି। ହେଲେ ଏହାକୁ ରୋକିବା ବା ନିୟନ୍ତ୍ରଣ କରିବା ପାଇଁ ଇଟା ଭାଟି ଗୁଡିକ ଉପରେ ଆଦୌ ଲଗାମ ଲାଗିପାରୁ ନ ଥିବା ଜଣାପଡ଼ିଛି। ଏବେ ଇଟା ପକାଇବା ପାଇଁ ପ୍ରକୃଷ୍ଟ ସମୟ ହୋଇଥିବା ବେଳେ କଟକ ଜିଲ୍ଲାରେ ଛତୁଫୁଟିଲା ଭଳି ଇଟା ଭାଟି ଗଢିଉଠିଛି।

**ଜିଲ୍ଲାର ମାତ୍ର ଗୋଟିଏ ଇଟା ଭାଟିକୁ ମିଳିଛି ପରିବେଶ ମଞ୍ଜୁରୀ**

ଏବେ ଠାରୁ ଗ୍ରୀଷ୍ମର ପ୍ରକୋପ ଅନୁଭୂତ ହୋଇଥିବା ବେଳେ ଇଟାଭାଟିର ତାତିରେ ଆହୁରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବ। ଗୁରୁତ୍ୱପୂର୍ଣ୍ଣ ହେଲା କି ଜିଲ୍ଲାର ୧୪ଟି ବ୍ଲକରେ ପ୍ରାୟ ୫୮ଟି ସ୍ଥାୟୀ ଇଟାଭାଟି ତଥା ଚିମିନି ରହିଛି। ଏଗୁଡିକ ମଧ୍ୟରୁ ମାତ୍ର ଗୋଟିଏ ଚିମିନିକୁ ପରିବେଶ ମଞ୍ଜୁରୀ ମିଳିଛି। ବାକି ଗୁଡିକ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ୍ୟ ପ୍ରଶାସନକୁ ଜଣାଇ ଦିଆଯାଇଛି। ହେଲେ ଏବେ ବି ୫୦ରୁ ଅଧିକ ଚିମିନି ବେଆଇନ ଭାବେ ଚାଲିଆସୁଛି। କଟକ ଜିଲ୍ଲା



ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ରଶ୍ମିକା ପ୍ରିୟଦର୍ଶିନୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ ସାଧାରଣ ଇଟାଭାଟି ପୋଡିବା ସମ୍ପୂର୍ଣ୍ଣ ବେଆଇନ। ହେଲେ ଚିମିନି ଇଟାଭାଟିକୁ କେବଳ ପରିବେଶ ମଞ୍ଜୁରୀ ଆଣିବା ପରେ ଅନୁମତି ଦିଆଯାଉଛି। ଜିଲ୍ଲାରେ ଏବେ ସୁଦ୍ଧା ଗୋଟିଏ ଚିମିନି ଇଟାଭାଟି ପରିବେଶ ମଞ୍ଜୁରୀ ଆଣିଛି। ତେବେ ବେଆଇନ ଇଟାଭାଟି ବିରୋଧରେ ଏନଫୋର୍ସମେଣ୍ଟ ଦାୟିତ୍ୱ ଜିଲ୍ଲା ପ୍ରଶାସନର ବୋଲି ସେ କହିଛନ୍ତି। ଚିମିନି ଭାଟି ପରିବେଶ ମଞ୍ଜୁରୀ ପାଇଲା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ଦେଇଥାଏ। ନୂତନ ନିୟମ ପ୍ରଚଳନ ହେବା ପରେ ଜିଲ୍ଲାରେ ଥିବା ସ୍ଥାୟୀ ଚିମିନି ଗୁଡିକୁ ବନ୍ଦ ନୋଟିସ କରାଯାଇଥିଲା ଓ ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିବା କୁହାଯାଇଛି।

ଅନ୍ୟପଟରେ ଅସ୍ଥାୟୀ ଇଟା ଭାଟି ଗୁଡିକ ବ୍ୟାପକ ପ୍ରଦୂଷଣ କରୁଥିଲେ ବି ଏହା ଉପରେ ଲଗାମ ଲଗାଯାଇ ପାରିନାହିଁ। ସ୍ଥାୟୀ ଚିମିନି ଗୁଡିକ ପାଇଁ ପରିବେଶ ମଞ୍ଜୁରୀ ଏକାନ୍ତ ଅପରିହାର୍ଯ୍ୟ ହୋଇଥିଲା ବେଳେ ବାକି ଅସ୍ଥାୟୀ ଇଟା ଭାଟି ପୋଡିବାକୁ ବେଆଇନ ଘୋଷଣା କରାଯାଇଛି। କେତେ ସଂଖ୍ୟାରେ ଅସ୍ଥାୟୀ ଓ ସ୍ଥାୟୀ ଇଟାଭାଟି ପୋଡାଯାଉଛି ତାହାର ସଠିକ ତଥ୍ୟ ମଧ୍ୟ ପ୍ରଶାସନ ପାଖରେ ନାହିଁ। ଜଣେ ଜଣେ ଇଟା ଭାଟି ମାଲିକ ପ୍ରତିବର୍ଷ ଲକ୍ଷାଧିକ ଇଟା ପକାଇ ଆସୁଛନ୍ତି। ଜିଲ୍ଲାରେ ପ୍ରତିବର୍ଷ ହଜାର ହଜାର ଛୋଟ ଇଟାଭାଟି ମଧ୍ୟ ହୋଇ ଆସୁଥିବାର ଜଣାପଡ଼ିଛି। ସାଧାରଣତଃ ଇଟାଭାଟି ଗୁଡିକ ପାଇଁ ବିଭିନ୍ନ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧିର ଅଭିଯୋଗ ଆସୁଛି। ଚିମିନି ଗୁଡିକ ଜନବସତି ନିକଟରେ ସ୍ଥାପନ ହୋଇପାରିବ ନାହିଁ ବୋଲି ଜାତୀୟ ଗ୍ରୀନ ଟ୍ରିବୁନାଲ ପକ୍ଷରୁ ସ୍ପଷ୍ଟ ଗାଇଡଲାଇନ ମଧ୍ୟ ରହିଛି। କିନ୍ତୁ ଏଗୁଡିକୁ ଠିକ ଭାବେ ଅନୁଧାନ କରାଯାଇପାରୁନାହିଁ।

**ସହଜରେ ସେବା ଉପଲବ୍ଧ ପାଇଁ ପଦକ୍ଷେପ**

## ସିଏମ୍‌ସି ପ୍ରଚଳନ କରିବ ନୂଆ ଆପ୍ 'କଟକ ୱାନ୍'

କଟକ, ୯ ।୨(ସମିସ): ସର୍ବସାଧାରଣଙ୍କୁ ସୁବିଧାରେ ବିଭିନ୍ନ ସେବା ଯୋଗାଇଦେବା ସକାଶେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଖୁବ୍ ଶୀଘ୍ର ଏକ 'ଆପ୍' ପ୍ରଚଳନ କରାଯିବ। ଯାହାର ନାମ 'କଟକ ୱାନ୍'। ସାଧାରଣ ଲୋକ ନିଜ ମୋବାଇଲ ମାଧ୍ୟମରେ ଏହି 'ଆପ୍' ଡାଉନ୍‌ଲୋଡ୍ କରି ସିଏମସି ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା କିପରି ସହଜରେ ପାଇପାରିବେ ସେ ସଂକ୍ରାନ୍ତରେ ଅବଗତ ହେବେ। ତା' ଛଡା ବିଭିନ୍ନ ଅଭିଯୋଗ ମଧ୍ୟ ସେମାନେ ଉକ୍ତ ଆପ୍ ଜରିଆରେ ଦାଖଲ କରିପାରିବେ। ଯାହାକି ଉକ୍ତ ପୋର୍ଟାଲରେ ପ୍ରଦର୍ଶିତ ହେବ। ସେହିପରି ଅଭିଯୋଗ ସମାଧାନ ପରେ ସେ ସଂକ୍ରାନ୍ତରେ ମଧ୍ୟ ଉକ୍ତ ପୋର୍ଟାଲରେ ସବିଶେଷ ତଥ୍ୟ ସ୍ଥାନ ପାଇବ। ସାଧାରଣ ଜନତାଙ୍କୁ ଖୁବ୍ କମ ସମୟ ଓ ସହଜରେ ଏହି ସେବା ଯୋଗାଇଦେବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିଏମସି ଡେପୁଟି କମିଶନର ସୁବ୍ରତ ବେହେରା କହିଛନ୍ତି।

## ବାରବାଟୀ-କଟକରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କଟକ, ୯ ।୨(ସମିସ)

ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ୱାର୍ଡ ନଂ ୨୭, ୨୮, ୨୯ ଏବଂ ୩୦ରେ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଝାଞ୍ଜିରମଙ୍ଗଳା ମନ୍ଦିର ନିକଟରୁ ଉଦଘାଟନ ହୋଇଛି। ୱାର୍ଡରେ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ଲୋକଙ୍କ ନିକଟରେ ଦଳର ନେତା ଓ କର୍ମୀ ପହଞ୍ଚାଇଥିଲେ। ଏଥି ସହ ଘରେ ଘରେ ଶଙ୍ଖ ଚିହ୍ନ ଷ୍ଟିକର ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବିଜେଡି କଟକ ମହାନଗର ସଭାପତି ମଧୁସୂଦନ ସାହୁ, ପ୍ରଫୁଲ୍ଲ ମହାପାତ୍ର, ବିଜେଡି କଟକ ମହାନଗର ମହିଳା ସଭାନେତ୍ରୀ ପୂର୍ଣ୍ଣିମା ସିଂ, ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସ, ବନଲତା ପ୍ରଧାନ, ସୁମିତ୍ରା ବସ୍ତିଆ, ରବି ନାରାୟଣ ସାହୁ, ଜଗତଜ୍ୟୋତି ପଟ୍ଟନାୟକ, ସୌମ୍ୟଦୀପ ଘୋଷ, ଜନସନ ମହାପାତ୍ର, ସନ୍ତୋଷ ମହାପାତ୍ର, ଆସିଫ ଅମିନ, ୱାର୍ଡ ସଭାପତି, ଯୁବ ଛାତ୍ର ଓ ମହିଳା ନେତୃମଣ୍ଡଳୀ ସମେତ ୱାର୍ଡର ଅନେକ ବରିଷ୍ଠ ନେତା କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ ସମସ୍ତ ୱାର୍ଡରେ ଅନୁଷ୍ଠିତ ହେବ ବୋଲି ପୂର୍ବତନ ବିଧାୟକ ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି।

**ସହରର ପାର୍କ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ**

## ୭ ଦିନ ମଧ୍ୟରେ ଦାଖଲ ହେବ ଅନୁଧ୍ୟାନ ରିପୋର୍ଟ

କଟକ, ୯ ।୨(ସମିସ): କଟକ ସହରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ସହ ସମ ପରିମାଣରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ସହରରେ ଥିବା ମୋଟ ୪୭ଟି ପାର୍କର ସୌନ୍ଦର୍ଯ୍ୟକୁ ଯେଭଳି ଦ୍ୱିଗୁଣିତ କରାଯାଇପାରିବ ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ବିଜୁ ଭବନରେ ସିଏମସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ସମସ୍ତ ପାର୍କ ଗୁଡିକର ସ୍ଥିତି, ରକ୍ଷଣାବେକ୍ଷଣ ଓ ଆଲୋକୀକରଣ ସମ୍ପର୍କରେ ବୈଠକରେ ଆଲୋଚନା



କରାଯାଇଥିଲା। ଆଗାମୀ ୭ ଦିନ ମଧ୍ୟରେ ପ୍ରତ୍ୟେକ ପାର୍କର ସ୍ଥିତି ସମ୍ପର୍କରେ ଏକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତ କରି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପାର୍କଗୁଡିକର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯିବା ସହ ସାଧାରଣ ଜନତା ସେମାନଙ୍କର ମତାମତ ସିଏମସି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଆପ୍ ଜରିଆରେ ଦାଖଲ କରିପାରିବେ। ତଦନୁସାରେ ଅଭିଯୋଗଗୁଡିକର ସମାଧାନ କରାଯିବ। ଯୁଗ୍ମ କମିଶନର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ସବୁ କାର୍ଯ୍ୟ ସମାଧାନ କରାଯିବ। ଅନୁଷ୍ଠିତ ବୈଠକରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡ୍ଡୁ, ଡେପୁଟି କମିଶନର ସୁକାନ୍ତ ବେଉରା, ପାର୍କ ଓ ପ୍ଲାଣ୍ଟେସନ ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କ ସହ ଅଧ୍ୟକ୍ଷା ମୋନାଲିସା ଦାସ, ସିଟି ଇଂଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ନନ୍ଦ କିଶୋର ପାଲ, ଇଲେକ୍ଟ୍ରିକାଲ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇଲେରିଆ ନିରାକରଣ ଅଭିଯାନରେ ସାମିଲ ହେଲେ ଡ୍ରିମ୍ସ ନର୍ସିଂ ଛାତ୍ରଛାତ୍ରୀ



କଟକ, ୯ ।୨(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଫାଇଲେରିଆ ନିରାକରଣ ଅଭିଯାନରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ନର୍ସିଂ ସ୍କୁଲର ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଫାଇଲେରିଆ ନିରାକରଣ ସଂକ୍ରାନ୍ତ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ମାରାତ୍ମକ ରୋଗର କାରଣ ଏବଂ ଏଥିରୁ ଦୂରେଇ ରହିବାର ଉପାୟ, ଔଷଧ ସେବନର ବିଧି ସମ୍ପର୍କରେ ସଚେତନ ହେବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଗୋପୀ ଡି., ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ, ଆଶାକର୍ମୀ ମଞ୍ଜୁଶ୍ରୀ ସିଂହ, ସୀମା ମହାନ୍ତି ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସରକାରଙ୍କ ଧାର୍ଯ୍ୟ ସମୟ ମଧ୍ୟରେ ଘରକୁ ଘର ବୁଲି ସମୂହ ଭାବରେ ଔଷଧ ସେବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

■ ତୃତୀୟ ପକ୍ଷଙ୍କୁ ଇଚ୍ଛାଧୀନ କୋଟା ପ୍ଲଟ ହସ୍ତାନ୍ତର ପ୍ରସଙ୍ଗ

## ସିଡିଏ ସଚିବଙ୍କ ଆଦେଶ ହାଇକୋର୍ଟରେ ରଦ୍ଦ

କଟକ, ୯ ।୨(ସମିସ): ଇଚ୍ଛାଧୀନ କୋଟାରେ ସିଡିଏ (କଟକ ଉନ୍ନୟନ କର୍ତ୍ତୃପକ୍ଷ)ଙ୍କ ନିକଟରୁ ଗୋଟିଏ ପ୍ଲଟ ପାଇଥିବା ବ୍ୟକ୍ତିବିଶେଷ ତାଙ୍କ ପ୍ଲଟକୁ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତର ଆବେଦନ ପ୍ରସଂଗରେ ଦାୟର ମାମଲାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆବେଦନକାରୀଙ୍କୁ ସିଡିଏ ପକ୍ଷରୁ ଏହି ହସ୍ତାନ୍ତର ନିମିତ୍ତ ଆବେଦନ ଫର୍ମ ପ୍ରଦାନରେ ପ୍ରତିବନ୍ଧକ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ବୁଦ୍ଧଦେବ ମିଶ୍ରଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ କେ.ଆର. ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଦରଖାସ୍ତକୁ ବିଚାର କରିବା ପାଇଁ ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୨୦୦୮ ମସିହାରେ କଟକ ସିଡିଏ ସେକ୍ଟର-୧୩ରେ ଏକ ଇ ବର୍ଗଭୁକ୍ତ ପ୍ଲଟ ପାଇଥିଲେ। ୨୦୦୯ ଜୁଲାଇ ୨୮ ରେ ସିଡିଏ ଠାରୁ ଏହି ପ୍ଲଟକୁ ଦଖଲକୁ ନେଇଥିଲେ। ପରେ ଏହାର ଲିଜ ଡିଡ ସମ୍ପୂର୍ଣ୍ଣ ହୋଇଥିଲା। ପ୍ଲଟକୁ ତୃତୀୟ ପକ୍ଷକୁ ହସ୍ତାନ୍ତର କରିବା ପାଇଁ ସିଡିଏ କର୍ତ୍ତୃପକ୍ଷଙ୍କୁ ଆବେଦନ ଫର୍ମ ପ୍ରଦାନ ପାଇଁ ଗତ ୨୦୨୨ମସିହାରେ ଦରଖାସ୍ତ କରିଥିଲେ। ହେଲେ ଏହି ଫର୍ମ ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ସିଡିଏ ସଚିବ ଗତ ୨୦୨୩ ମେ ୮ ରେ ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରି ଏକ ପତ୍ରାଳପ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସିଡିଏ ସଚିବଙ୍କ ଏହି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅନ୍ୟପଟରେ ଜିଏ ବିଭାଗର ୨୦୨୨ ଡିସେମ୍ବର ୮ ର ବିଜ୍ଞପ୍ତି ଅନୁସାରେ ତୃତୀୟ ପକ୍ଷଙ୍କୁ ହସ୍ତାନ୍ତରରେ ପ୍ରତିବନ୍ଧକ ନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସେହିପରି ଏହି ବିଜ୍ଞପ୍ତି ଅନୁସାରେ ଇଚ୍ଛାଧୀନ କୋଟାରେ ଗୋଟିଏ ପ୍ଲଟ ସ୍ୱଚ୍ଛତା ଆଧାରରେ ପାଇଥିଲେ ତାହା ଟାସ୍କ ଫୋର୍ସ କମିଟି ରିପୋର୍ଟ ପରିସର ବାହାରେ ବୋଲି ମଧ୍ୟ ସ୍ପଷ୍ଟ ହୋଇଥିଲା।

## ଆଜିଠୁ ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

କଟକ, ୯।୨(ସମିସ)

ଶନିବାର ଠାରୁ କଟକ ଜିଲ୍ଲାରେ ଆରମ୍ଭ ହେବ ସାର୍ବଜନୀନ ବାତଜ୍ୱର ଔଷଧ ସେବନ ଓ ଜାତୀୟ କୃମିନାଶକ ଦିବସ ପାଳନ। ଫେବୃଆରୀ ୧୦ରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ଜାରି ରହିବ। ଏହି ଅବସରରେ ଡମପଡ଼ା, ସୁବର୍ଣ୍ଣପୁର, ଆଠଗଡ଼, ବାରଙ୍ଗ, ତିଗିରିଆ, ବଡମ୍ବା, ଟାଙ୍ଗୀ, ସାଲେପୁର ଓ କଟକ ସହରାଞ୍ଚଳ ୱାର୍ଡ ନମ୍ବର ୩୬, ୩୭, ୪୧, ୪୫ ଓ ୪୬ରେ ସାର୍ବଜନୀନ ବାତଜ୍ୱର ଔଷଧ ବିତରଣ କରାଯିବ। ଚଳିତ ବର୍ଷ ଜିଲ୍ଲାରେ ୧୧ ଲକ୍ଷ ୩୨ ହଜାର ୬୬୯ଜଣଙ୍କୁ ବାତଜ୍ୱର ଔଷଧ ସେବନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିନିମନ୍ତେ ୪ ହଜାର ୫୦୬ଜଣ ଔଷଧ ପ୍ରଦାନକାରୀଙ୍କୁ ନିୟୋଜିତ କରାଯାଇଛି। ଅଙ୍ଗନବାଡି, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଫାଇଲେରିଆ ନିରାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ପ୍ରଦାନ କରିବେ। ଗର୍ଭବତୀ ମହିଳା ଏବଂ ଶଯ୍ୟାଶାୟୀ ରୋଗୀମାନଙ୍କ ବ୍ୟତୀତ ୨ ବର୍ଷ ବୟସରୁ ଊର୍ଦ୍ଧ୍ୱ ଶିଶୁଠାରୁ ପ୍ରାପ୍ତବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ବଟିକା ସେବନ କରିପାରିବେ।



ସେହିପରି ଫେବୃଆରୀ ୧୦ ତାରିଖରେ କଣ୍ଟାପଡ଼ା, ବେଣ୍ଟକାର, ନରସିଂହପୁର, ମାହାଙ୍ଗା, ନିଆଳି, ନିଶ୍ଚିନ୍ତକୋଇଲି, ଚୌଦ୍ୱାର ମ୍ୟୁନିସିପାଲିଟି ଏବଂ ବାଙ୍କୀ ଏନଏସିରେ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତବର୍ଷ ଜିଲ୍ଲାର ୧ରୁ ୧୯ବର୍ଷ ବୟସର ମୋଟ ୭ ଲକ୍ଷ ୧୭ ହଜାର ୬୩୯ଜଣଙ୍କୁ କୃମିନାଶକ ଔଷଧ ସେବନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ବ୍ୟତୀତ ୨୦ରୁ ୨୪ ବର୍ଷ ବୟସର ୧ ଲକ୍ଷ ୨୯ ହଜାର ୮୭୨ଜଣ ମହିଳାଙ୍କୁ ମଧ୍ୟ ଏହି ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜିଲ୍ଲାର ୨୭୦୨ଟି ସରକାରୀ ଓ ୫୨୦ଟି ବେସରକାରୀ ବିଦ୍ୟାଳୟ ସହିତ ୩୩୦୫ ଅଙ୍ଗନବାଡି କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା କୃମିନାଶକ ଔଷଧ ବଣ୍ଟନ କରାଯିବ। ଯେଉଁ ପିଲାମାନେ ୧୦ ତାରିଖରେ ଔଷଧ ସେବନ କରି ନ ଥିବେ ସେମାନଙ୍କୁ ୧୭ ତାରିଖରେ କୃମିନାଶକ ବଟିକା ପ୍ରଦାନ କରାଯିବ।

କଟକ ଜିଲ୍ଲାସ୍ତରୀୟ ସାର୍ବଜନୀନ ବାତଜ୍ୱର ଔଷଧ ଓ ଜାତୀୟ କୃମିନାଶକ ଦିବସ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମକରାନନ୍ଦ ବେଉରା ଜିଲ୍ଲା ସ୍ୱାସ୍ଥ୍ୟ ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି। ଲିମ୍ଫାଟିକ-ଫାଇଲେରିଆ ମୁକ୍ତ ଲକ୍ଷ୍ୟ ହାସଲ ଦିଗରେ କୌଣସି ପ୍ରୟାସ ହାତଛଡା ନ କରିବା ତଥା ରକ୍ତହୀନତା ଭଳି ବିଭିନ୍ନ ରୋଗରୁ ପିଲାମାନଙ୍କୁ ରକ୍ଷା କରିବା ନିମନ୍ତେ କୃମିନାଶକ ଔଷଧ ସେବନ କରିବାକୁ ଡାକ୍ତର ବେଉରା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଉପ କାର୍ଯ୍ୟକ୍ରମ ପରିଚାଳକ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପରାମର୍ଶଦାତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଡାକ୍ତର ରଞ୍ଜନ କୁମାର ସିଂ ଧନ୍ୟବାଦ ଦେଇଥିଲେ।




# କଟକ ସିଟି





# ବାଉନ ବଜାର ତେପନ ଗଳି

# ଚାନ୍ଦିନୀଚୌକ

"ଏଠାକାର ମାଟି କଥା କୁହେ, ପାଣି ଓ ପବନ'ରେ ଭରି ରହିଛି ହଜାର ବର୍ଷର ବାସ୍ନା । ଏଠି ସବୁ ହୃଦୟରେ ଦେଖିବାକୁ ମିଳେ 'ଭାଇଚାରା'ର ନିଆରା ନିଦର୍ଶନ । କିଏ, କେଉଁଠି, କାହିଁକି ଓ କେମିତି ଏ ସହରକୁ ଆସିଛି, ତାହା ଏଠି ବୁଝାଯାଏ ନାହିଁ । ଭାଇ'ଟିଏ ହୋଇ କାନ୍ଧ' ଦେଖାଏ ଏ ସହର । କେବେ ମା'ପରି ପଣତକାନିରେ ଲୁହ ପୋଛି ଦିଏ ତ ଆଉ କେତେବେଳେ ବାପା'ଟିଏ ହେଇ ଅନୁଶାସନର ନାଲି ଆଖି ଦେଖାଏ । ସାମ୍ପ୍ରତିକ ଅତ୍ୟାଧୁନିକ ସହରୀ ସଭ୍ୟତାର ଊର୍ଦ୍ଧ୍ୱକୁ ଯାଇ ଏ ସହର ଦେଖାଏ ଏକ ବିରାଟ୍ ଗାଁ'ର ଆତ୍ମୀୟତା... ଏବେ ରୂପାନ୍ତରଣ'ର ସ୍ୱର୍ଶରେ ଝଲସୁଛି ରୌପ୍ୟନଗରୀ । ଏ ସହର ଛାତି ଉପରେ ଛିଡା ହୋଇ ଆକାଶ'କୁ ମୁଣ୍ଡ ଟେକିଲାଣି ନୂଆ ଏକ କଟକ । ଆଉ ନାହିଁ ସେ ଦିନର ସଂକୀର୍ଣ୍ଣ ରାସ୍ତା, ଦୁର୍ଗନ୍ଧ ପରିବେଶ, ଅଳିଆ ଓ ଆବର୍ଜନାମୟ ସଂଗୀନ ସ୍ଥିତି । ଏବେ ଚମକୁଛି ବାଉନ ବଜାର ତେପନ ଗଳି' । ଏଠାକାର ଗଳିକନ୍ଦିରେ ଲୁଚି ରହିଛି ହଜାର ବର୍ଷର ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ଇତିହାସ । କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅରେ ପ୍ରତିଷ୍ଠା ହୋଇଥିବା ଏ ସହରର 'ବାଉନ ବଜାର ତେପନ ଗଳି' ପଛରେ ଥିବା କାହାଣୀ'କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା..."

## ପରିସୀମା

ଚାନ୍ଦିନୀଚୌକ ଅଞ୍ଚଳର ସୀମା ସିଡିଏ ପାଣି ପମ୍ପ ନିକଟରୁ ଆରମ୍ଭ ହୋଇ ଡଗରପଡ଼ା ଅନାଥ ଆଶ୍ରମ ସ୍କୁଲ, ଅଭୟେଶ୍ୱର ମନ୍ଦିର, ଉଜାଲ୍ଲା ଖାଁ ମସଜିଦ ଦେଇ କାଳିଗଳି ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ଅଞ୍ଚଳ କଟକ ମ୍ୟୁନିସପାଲଟିର ୱାର୍ଡ ନଂ ୧୧ ଓ ୧୩ ମଧ୍ୟରେ ଆସିଥାଏ । ସାହିରେ ଲାଲବାଗ ଥାନା ଥିବାରୁ ସାହିର ସମସ୍ତ ଅଞ୍ଚଳ ଏହି ଥାନା ପରିସୀମା ଭିତରେ ଆସିଥାଏ । ଏହି ଅଞ୍ଚଳରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି ।

## ବିଭିନ୍ନ ସାହି

ଚାନ୍ଦନୀଚୌକ-ଷ୍ଟୋନୀ ରୋଡ, ପ୍ରଧାନ ସାହି, ବନ୍ଧବାଶେଳୀ ଛକ, ଦରଜି ସାହି, ଶିଶୁଭବନ କ୍ୱାର୍ଟସ ଅଞ୍ଚଳ, ଗାରେଡା ବଜାର, ହସନାବାଦ, ବ୍ରାହ୍ମଣ ସାହି, ବଣିଆ ସାହି, ବାଣି ନଗର, ହୀରା ସିମେଣ୍ଟ ଲେନ୍ ।

## କ୍ଲବ୍ ଓ ଯୁବକ ସଂଘ

ଚାନ୍ଦିନୀଚୌକ ଅଞ୍ଚଳରେ ଚାନ୍ଦିନୀଚୌକ ଯୁବକ ସଂଘ ଓ କଟକର ଅନ୍ୟତମ ସର୍ବପୁରାତନ କ୍ଲବ୍ ବନ୍ଧବାଶେଳୀ କ୍ଲବ ଏହି ସାହିରେ ରହିଛି । ଏଥି ସହ ଟାର୍ଗେଟ ଗ୍ରୁପ, କ୍ଲବ୍ ଦି ଏନଏସ, ବୁଲେଟ ଇଲେଭନ କ୍ଲବ୍, ନନଷ୍ଟପ କ୍ଲବ, ଜୟକୃଷ୍ଣ କ୍ଲବ୍, ଭାରତ ମାତା କ୍ଲବ୍, ଅଭୟେଶ୍ୱର କ୍ଲବ୍, ହାସନାବାଦ ଯୁବକ ସଂଘ, ବାଣିନଗର କ୍ଲବ୍, ତ୍ରିରଙ୍ଗା କ୍ଲବ୍, ଦୁବେଶ୍ୱର କ୍ଲବ୍, ରାଧାମାଧବ ଯୁବକ ସଂଘ, ନିୟୁସେଭେନ ଷ୍ଟାର କ୍ଲବ୍, ୟଙ୍ଗଷ୍ଟାର କ୍ଲବ୍ ମଧ୍ୟ ରହିଛି ।

## ବିଶିଷ୍ଟ ବ୍ୟକ୍ତିବିଶେଷ

ଡ. ହରେକୃଷ୍ଣ ମହତାବ, ଜଷ୍ଟିସ ହରିହର ମହାପାତ୍ର, ଜଷ୍ଟିସ ରାଜକିଶୋର ଦାସ, ବିଶ୍ୱନାଥ ପଣ୍ଡିତ, ଧ୍ରୁବଚରଣ ପ୍ରଧାନ, ବିହାରୀଲାଲ ପଣ୍ଡିତ, ମୋତିଲାଲ ପଣ୍ଡିତ, ମେଜର ଜେନେରାଲ ବସନ୍ତ ମହାପାତ୍ର, ଡ. ବଙ୍କିମ ପଟ୍ଟନାୟକ, କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପତି, ଜଷ୍ଟିସ ଗୋପାଳ ଚନ୍ଦ୍ର ଦାସ, ଜଷ୍ଟିସ ଯୁଗଳ କିଶୋର ମହାନ୍ତି, ଜଷ୍ଟିସ ପ୍ରଦୀପ ମହାନ୍ତି, ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ର, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିରେନ୍ଦ୍ର ପ୍ରତାପ ସ୍ୱାଇଁ, ସାଂସଦ ଭର୍ତ୍ତୃହରି ମହାତାବ, ନାଟ୍ୟକାର ଅନନ୍ତ ମହାପାତ୍ର ଓ ଆଇଏଏସ ଶାଳିନୀ ପଣ୍ଡିତ ପ୍ରମୁଖ ।





## ନାଁ ପଛର କାହାଣୀ

କଟକ ସହରର ଚାନ୍ଦିନୀଚୌକ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର । ନ୍ୟାୟ ବ୍ୟବସ୍ଥାର ମୁଖ୍ୟ କେନ୍ଦ୍ର ଓଡ଼ିଶା ହାଇକୋର୍ଟ ଏହି ଅଞ୍ଚଳରେ ଅବସ୍ଥିତ । ଏଣୁ ଏହି ସ୍ଥାନ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଥାଏ । ଚାନ୍ଦିନୀଚୌକ ଅଞ୍ଚଳର ନାମକରଣ ସମ୍ପର୍କରେ ଲୋକମୁଖରୁ ଶୁଣିବାକୁ ମିଳେ ଯେ, ସ୍ୱାଧୀନତା ପୂର୍ବରୁ କଟକରେ ମୋଗଲମାନେ ଶାସନ କରୁଥିଲେ । ବର୍ତ୍ତମାନର ଶିଶୁଭବନ ସେ ସମୟରେ ମୋଗଲମାନଙ୍କ ବାସଭବନ ଥିଲା । ମୋଗଲମାନେ ପ୍ରାୟ ଯେଉଁ ସ୍ଥାନରେ ବସବାସ କରନ୍ତି ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଏକ ବଜାର ସୃଷ୍ଟି କରିଥାନ୍ତି । ଏହାକୁ ସେମାନେ ଚାନ୍ଦିନୀ ବା ଚାନ୍ଦିନୀ ବଜାର କହୁଥିଲେ । ଏଭଳି ନାଁ'ରେ ବଜାର ସେମାନେ ଦିଲ୍ଲୀ, ଲକ୍ଷ୍ନୌ ଓ କାଶ୍ମୀରରେ ମଧ୍ୟ ସୃଷ୍ଟି କରିଥିଲେ । ଏହି ବଜାରକୁ ନେଇ ଏହାର ନାମ ଚାନ୍ଦିନୀଚୌକ ରହିଥିବା ଜଣାପଡେ ।

## ପ୍ରମୁଖ ଅନୁଷ୍ଠାନ/ପ୍ରତିଷ୍ଠାନ

ଓଡ଼ିଶା ହାଇକୋର୍ଟ, ସର୍ବପୁରାତନ ଲାଲବାଗ ଥାନା, ଚାନ୍ଦିନୀଚୌକ ମୁଖ୍ୟ ଡାକଘର, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁ ରୋଗ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ), ତହସିଲ ଅଫିସ, ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର' କାର୍ଯ୍ୟାଳୟ, ଜୁଡିସିଆଲ ଏକାଡେମୀ, ଚାନ୍ଦିନୀଚୌକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚାନ୍ଦିନୀଚୌକ ବାଳିକା ପ୍ରାଥମିକ ବିଦ୍ୟାଳୟ ରହିଛି । ସେହିପରି ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି, ଚାନ୍ଦିନୀଚୌକ ବ୍ୟବସାୟୀ ସଂଘ, ବ୍ରାହ୍ମଣ ସାହି ସଂକୀର୍ତ୍ତନ ମଣ୍ଡଳୀ, ମା' ଭଗବତୀ ସଂକୀର୍ତ୍ତନ ସମିତି, ବଣିଆ ସାହି ସଂକୀର୍ତ୍ତନ ସମିତି, ହସନାବାଦ ସଂକୀର୍ତ୍ତନ ସମିତି, ଦରଜି ସାହି ସଂକୀର୍ତ୍ତନ ସମିତି, ଚାନ୍ଦିନୀଚୌକ ସଂକୀର୍ତ୍ତନ ସମିତି, ଚାନ୍ଦିନୀଚୌକ ରାମଲୀଳା ସମିତି, ରାଧାମାଧବ ରାମଲୀଳା ସମିତି, ହାସନାବାଦ ପ୍ରାଚୀନ ରାମଲୀଳା ସମିତି ଓ ଅଭୟେଶ୍ୱର ରାମଲୀଳା ସମିତି ମଧ୍ୟ ରହିଛି ।







## ପର୍ବପର୍ବାଣୀ ଓ ଯାନିଯାତରା





ସାହିରେ ବାର ମାସରେ ତେର ପର୍ବ ପାଳନ କରାଯାଉଥିବା ବେଳେ । ଦୁର୍ଗାପୂଜା, କାଳୀପୂଜା, ରଥଯାତ୍ରା, ଗଣେଶ ପୂଜା ଓ ଦୋଳମେଳନ ସାହିର ମୁଖ୍ୟ ପର୍ବ । ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରର ରଥଯାତ୍ରା, ଅଷ୍ଟଶମ୍ଭୁଙ୍କ ଜାଗର ଯାତ୍ରା ମଧ୍ୟ ସାହିର ବଡ଼ ଉତ୍ସବ । ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମାଁ ଦୁର୍ଗାଙ୍କୁ ରଜାଘର ମେଢ ବା ସାନ ଭଉଣୀର ମାନ୍ୟତା ମିଳିଥାଏ । ଏଥି ସହ ଏଠାରେ ଥିବା ରଜାଘର ପଡ଼ିଆରେ ଦୋଳ ପୂର୍ଣ୍ଣିମୀରେ ୭୨ ଦିଗଭାଗର ଦୋଳମେଳଣ ମଧ୍ୟ ହୋଇଥାଏ ଯାହାକୁ ରଜାଘର ମେଳଣ ମଧ୍ୟ କୁହାଯାଇଥାଏ ।

## ସାହିର ବିଶେଷତ୍ୱ

ଚାନ୍ଦିନୀଚୌକ ଅଞ୍ଚଳରେ ବିଭିନ୍ନ ଧର୍ମର ଲୋକ ବସବାସ କରୁଥିଲେ ମଧ୍ୟ ସାହିରେ ସବୁବେଳେ ଭାଇଚାରା ଓ ଶାନ୍ତିଶୃଙ୍ଖଳା ଦେଖିବାକୁ ମିଳିଥାଏ । ସାହିରେ ବାସକରୁଥିବା ମୁସଲିମ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟିରେ କର୍ମକର୍ତ୍ତା ଭାବେ ସାମିଲ ଅଛନ୍ତି । କେବଳ ସେତିକି ନୁହେଁ ଇଦ ସମୟରେ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ପକ୍ଷରୁ ମୁସଲିମ୍ ଭାଇମାନଙ୍କ ପାଇଁ ଇଫତାର ପାର୍ଟିର ମଧ୍ୟ ଆୟୋଜନ କରାଯାଇଥାଏ ।



## ଖାଦ୍ୟ ଦେଇଛି ପରିଚୟ

ଚାନ୍ଦିନୀଚୌକ ଅଞ୍ଚଳର ପ୍ରସିଦ୍ଧ ଖାଦ୍ୟ ଦେଖିବାକୁ ଗଲେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତ ହେଉଥିବା ଅଭଡ଼ା, ବାଲିଯାତ୍ରାରେ ହେଉଥିବା ଶ୍ରୀରାମ ସାହୁଙ୍କ ଠୁଙ୍କାପୁରୀ ଛେନା ତରକାରୀ । ଉଦୟ ଶଙ୍କର ଭିଳାସ ସାଉଥ ଇଣ୍ଡିଆନ ଟିଫିନ ସେଣ୍ଟର, ମଥୁରି ସାହୁ, ଗଣେଶ ସାହୁ, ଶ୍ୟାମ ସାହୁ, ଦେବ ସାହୁ, ଗୌରାଙ୍ଗ ଦଳେଇଙ୍କ ଜଳଖିଆ ଦୋକାନ, କୃଷ୍ଣ ବାରମଜା ଓ ଭଗବତୀ ସୁଇଟ୍ସର ମିଠା ବେଶ ପ୍ରସିଦ୍ଧି ଲାଭ କରିଛି । ସନ୍ଧ୍ୟା ସମୟରେ ପଦୁ ମଉସାଙ୍କ ଆଳୁଚପ୍, ବରା ଓ ପିଆଜି ଖାଇବା ପାଇଁ ମଧ୍ୟ ଲୋକମାନଙ୍କର ବେଶ ଭିଡ ହୋଇଥାଏ ।





ଚାନ୍ଦନୀଚୌକ ଦୁର୍ଗା ପୂଜା କମିଟି କର୍ମକର୍ତ୍ତା



ମୋତେ ୮୩ ଛୁଇଁଲାଣି । ସେହି ସମୟ ତୁଳନାରେ ଚାନ୍ଦିନୀଚୌକ ଆଜି ବହୁତ ଆଗକୁ ଚାଲିଗଲାଣି । ସେତେବେଳେ ଏଠି ରଜାଘର ପକ୍ଷରୁ ଦୁର୍ଗାପୂଜା ହେଉଥିଲା । ସେଥିପାଇଁ ଏଠାକାର ଠାକୁରଙ୍କୁ ରଜାଘର ମେଢ଼ କୁହାଯାଏ । ଚାନ୍ଦିନୀଚୌକ ଅଞ୍ଚଳରେ ବିଭିନ୍ନ ଧର୍ମର ଲୋକ ବସବାସ କରୁଥିବା ବେଳେ ଏଠି କେବେ କୌଣସି ବିଶୃଙ୍ଖଳା ସୃଷ୍ଟି ହୁଏ ନାହିଁ । ବରଂ ସବୁ ସମ୍ପ୍ରଦାୟର ଲୋକମାନେ ସେମାନଙ୍କ ପୂଜା ପାର୍ବଣରେ ସହଯୋଗର ହାତ ବଢ଼ାଇଥାନ୍ତି ।

**ଭିକାରୀ ଦାସ**, ସମ୍ପାଦକ, କଟକ ମହାନଗର ଶାନ୍ତି କମିଟି



ମୋତେ ୯୫ ବର୍ଷ ହେଲାଣି । ୧୫ ବର୍ଷରେ ମୁଁ ବାହାହୋଇକି ଏଠାକୁ ଆସିଥିଲି । ସେ ସମୟରେ ଆଉ ବର୍ତ୍ତମାନ ସମୟ ଆକାଶ ପାତାଳ ତଫାତ । ମୋ ଆଖି ଆଗରେ ଅନେକ ବରିଷ୍ଠ ଲୋକ ଆରପାରିକୁ ଚାଲିଗଲେଣି । ସେତେବେଳେ ରାସ୍ତାଘାଟ କି ଗାଡ଼ିମୋଟର ଏତେ ନ ଥିଲା । ସମସ୍ତଙ୍କ ଚାଳଘର ଥିଲା । ଦୈନନ୍ଦିନ କାର୍ଯ୍ୟ ପାଇଁ ଆମେ କାଠଯୋଡି ନଦୀ ଉପରେ ନିର୍ଭର କରୁଥିଲୁ । ହେଲେ ଧିରେ ଧିରେ ସମୟ ସହ ଚାନ୍ଦିନୀଚୌକ ବି ସମ୍ପୂର୍ଣ୍ଣ ବଦଳିଗଲାଣି ।

**ମନୋରମା ପାଣି**, ବରିଷ୍ଠ ନାଗରିକ



ମୋତେ ୮୫ ବର୍ଷ ହେଲାଣି, ଆଗରୁ ଆମ ଅଞ୍ଚଳରେ ବସଷ୍ଟାଣ୍ଡ ଥିଲା । କଟକକୁ ଆସୁଥିବା ସବୁଲୋକ ଏଠାରେ ଓହ୍ଲାଉଥିଲେ । ଚାନ୍ଦିନୀଚୌକ ଅଞ୍ଚଳ କଟକ ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ଗଣାଯାଉଥିଲା । ଏଠାରେ ରହୁଥିବା ନିବାସୀ ମଧ୍ୟ କଟକର ସବୁଠାରୁ ପୁରୁଣା ବାସିନ୍ଦା, ଏଥି ସହ ଚାନ୍ଦିନୀଚୌକ ଅଞ୍ଚଳବାସୀ ବେଶ ଶିକ୍ଷିତ ଓ ସାମାଜିକ ସଚେତନ ମଧ୍ୟ ।

**ଅରୂପଲାଲ ଘୋଷ**, ବରିଷ୍ଠ ସଙ୍ଗୀତଜ୍ଞ



ଆମ ଅଞ୍ଚଳରେ ସେଭଳି ବିଶେଷ କିଛି ସମସ୍ୟା ନ ଥିଲେ ମଧ୍ୟ । ମୋ କାର୍ଯ୍ୟକାଳ ମଧ୍ୟରେ ମୁଁ ପ୍ରାୟ ସବୁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଛି । ଏଥି ସହ ଏକ ନୂତନ ୱେଲନେସ ସେଣ୍ଟର ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ନିର୍ମାଣ କରାଇଛି । ଯାହାଦ୍ୱାରା ଆମ ଅଞ୍ଚଳବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ଲୋକ ମଧ୍ୟ ଉପକୃତ ହେଉଛନ୍ତି । ଆଉ ଯେଉଁ କାର୍ଯ୍ୟ ଗୁଡିକ ବାକି ରହିଛି ସେଗୁଡିକୁ ମଧ୍ୟ ଖୁବଶୀଘ୍ର ଶେଷ କରିବା ପାଇଁ ମୁଁ ପଦକ୍ଷେପ ନେଉଛି ।

**ଆରତୀ ସାହୁ**, ୧୧ନଂ ୱାର୍ଡ କର୍ପୋରେଟର

## ଶ୍ରୀ ଜଗନ୍ନାଥଙ୍କ ଅବଢ଼ା



କଟକର ବିଭିନ୍ନ ମନ୍ଦିରରେ ଅବଢ଼ା ପ୍ରସ୍ତୁତ ହେଉଥିଲେ ମଧ୍ୟ । ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତ ହେଉଥିବା ଅବଢ଼ାର ସ୍ୱାଦ ନିଆରା । ଏହି ସୁସ୍ୱାଦୁ ଅଭଡ଼ା ପାଇବା ପାଇଁ ପ୍ରାୟ ସବୁଦିନ ମନ୍ଦିର ପରିସରରେ ବେଶ ଭିଡ଼ ପରିଲକ୍ଷିତ ହୋଇଥାଏ । ଏଠାରୁ ପ୍ରସ୍ତୁତ ଅବଢ଼ା କଟକ ଜିଲ୍ଲାର ବିଭିନ୍ନ ସ୍ଥାନକୁ ମଧ୍ୟ ବରାଦ ମୁତାବକ ଯାଇଥାଏ । ଏହି ଅବଢ଼ା ସମ୍ପୂର୍ଣ୍ଣ ଶ୍ରୀମନ୍ଦିରର ମହାପ୍ରସାଦ ଶୈଳୀରେ ପ୍ରସ୍ତୁତ ହେଉଥିବା ବେଳେ ପ୍ରତିଦିନ ଜଗନ୍ନାଥଙ୍କ ନିକଟରେ ନୀତି ବଢ଼ାଯିବା ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ବିକ୍ରି କରାଯାଇଥାଏ । ପ୍ରତିଦିନ ଅବଢ଼ାରେ ଅନ୍ନ, ଡାଲି, ବେସର, ମହୁର, ଖଟା, କ୍ଷୀରି, ମିଠାକାନିକା, ଦହିପଖାଳ ଭଳି ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ ।

## ପ୍ରମୁଖ ଧର୍ମାନୁଷ୍ଠାନ

ଚାନ୍ଦିନୀଚୌକ ଦୁର୍ଗାପୂଜା ମଣ୍ଡପ, ଜଗନ୍ନାଥ ମନ୍ଦିର, ଶିଶୁଭବନ ଶିରିଡ଼ି ସାଇ ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ତ୍ରିନାଥ ମନ୍ଦିର, ଅଭୟେଶ୍ୱର ମନ୍ଦିର, ବ୍ରାହ୍ମଣ ସାହି ହନୁମାନ ମନ୍ଦିର, ଭାଗବତ ବାସୁଦେବ ମନ୍ଦିର, ବରକୁଳେଶ୍ୱର ମନ୍ଦିର, ଡାକେଶ୍ୱର ମନ୍ଦିର, ତ୍ରିସମାବେଶ ମନ୍ଦିର, ରାଧାମାଧବ ମନ୍ଦିର, ଦୁବ ମନ୍ଦିର, ଦରଜି ସାହି ସାଇବାବା ମନ୍ଦିର, ଅଲେଖ ଟୁଙ୍ଗି ରହିଥିବା ବେଳେ ସାହିରେ ତିନୋଟି ଗ୍ରାମଦେବୀ ମା' ଭଗବତୀ, ବନ୍ଧବାଶେଳୀ ଓ ସୁନାଦେଇ ପୂଜା ପାଇଥାନ୍ତି । ସେହିଭଳି ଉଜାଲ୍ଲା ଖାଁ ମସଜିଦ, ମନସୁର ସାହେବ ପୀରବାବା ଓ ଭୋଲେ ପୀରଙ୍କ ପୀଠ ମଧ୍ୟ ରହିଛି ।















## ପ୍ରାକୃତିକ କୃଷି ସଚେତନତା କାର୍ଯ୍ୟକ୍ରମ




ଟାଙ୍ଗୀ, ୯ ।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର କଟକ ତରଫରୁ ପ୍ରାକୃତିକ କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ଡଃ ତୁଷାର ରଞ୍ଜନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମୁଖ୍ୟଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ରଞ୍ଜନ ମହାନ୍ତ, ପ୍ରଶିକ୍ଷକ ଭାବେ ଡ. ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ ଓ ସୁଜାତା ସେଠୀ ପ୍ରମୁଖ ଯୋଗଦାନ କରି ପ୍ରାକୃତିକ ଚାଷର ଉପାଦେୟତା ଓ ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏଥିରେ ମିଶନଶକ୍ତି କର୍ମକର୍ତ୍ତା ଓ କୃଷିଜୀବୀ ମହିଳା ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ମିଶନଶକ୍ତି ସଭାପତି ମମତା ଭୂୟାଁ ଧନ୍ୟବାଦ ଦେଇଥିବା ବେଳେ କୃଷିମିତ୍ର ପ୍ରଣତି ବେଜ, ରୁବିନା ନାଥ ଓ ସବରନ ବିବି ପ୍ରମୁଖ ସହଯୋଗ କରିଥିଲେ ।

## ସେବକ ଶ୍ରୀକାନ୍ତଙ୍କୁ 'ଆଦର୍ଶ କବି ଓ ସମାଜସେବୀ' ସମ୍ମାନ



କଟକ, ୯।୨(ସମିସ): ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା ଓ କନ୍ଦରପୁର ସ୍ଥିତ ସରସ୍ୱତୀ କଳା ପରିଷଦର ସହ ସମ୍ପାଦକ ଇଂ ସେବକ ଶ୍ରୀକାନ୍ତଙ୍କୁ ସାହିତ୍ୟ କୃତି, ଗବେଷଣା, ସମାଜସେବା, ପରିବେଶ ସୁରକ୍ଷା ଓ ରକ୍ତଦାନ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସାମାଜିକ ସଂଗଠନ ସ୍ୱାମୀଜୀ ଯୁବକ ସଂଘ ପକ୍ଷରୁ 'ଆଦର୍ଶ କବି ଓ ସମାଜସେବୀ - ୨୦୨୪' ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ଯୁବ ବୈଜ୍ଞାନିକ ଅନିଲ ପ୍ରଧାନ, ସଂଘର ପ୍ରତିଷ୍ଠାତା ଇଂ ବିରଞ୍ଚି ନାରାୟଣ ଭୂୟାଁ, ଅଭିନେତା ସମରେନ୍ଦ୍ର ମହାପାତ୍ର, ନାଟ୍ୟକାର ଅଶୋକ ପଟ୍ଟନାୟକ, ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର କର, ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ୪୨ମୌଜା ବରାଳ ନିବାସୀ ଇଂ ଶ୍ରୀକାନ୍ତଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ପକ୍କା ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ



ଟାଙ୍ଗୀ, ୯ ।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କ୍ଷେତ୍ରପାଳ ଗ୍ରାମରେ ମଞ୍ଜୁର ହେଇଥିବା ବ୍ୟୟ ଅଟକଳ ଠାରୁ କମ୍ ପରିମାଣ ରାସ୍ତା ନିର୍ମାଣ କରି ସମ୍ପୂର୍ଣ୍ଣ ବିଲ କରିନେବା ଅଭିଯୋଗରେ ଉକ୍ତ ଗ୍ରାମର ବୁଦ୍ଧିଜୀବୀ ଟାଙ୍ଗୀ ଚୌଦ୍ୱାର ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନାଯୋଗ୍ୟ ୨୦୨୧-୨୨ରେ ଉକ୍ତ ଗ୍ରାମର କ୍ଷେତ୍ରେଶ୍ୱରୀ ଯଜ୍ଞ ମଣ୍ଡପ ପକ୍କା ରାସ୍ତା ନିମନ୍ତେ ୩୦୮ ୯ ସ୍କୋୟାର ଫୁଟ ପକ୍କା ରାସ୍ତା ପାଇଁ ଦୁଇ ଲକ୍ଷ ୩୬ହଜାର ଟଙ୍କା ସରକାରଙ୍କ ତରଫରୁ ମଞ୍ଜୁର ହୋଇଥିଲା । କିନ୍ତୁ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତି ଓ ବ୍ଲକ ଜେଇ ମିଶି ମାତ୍ର ୧୫୦୦ ସ୍କୋୟାର ଫୁଟ କାର୍ଯ୍ୟ କରି ସମ୍ପୂର୍ଣ୍ଣ ବିଲ ଉଠାଇ ନେବା ସୂଚନା ଅଧିକାର ଆଇନ ବଳରେ ଗ୍ରାମର ବ୍ୟୋମକେଶ ବିଶ୍ୱାଳ ଜାଣିବାକୁ ପାଇଥିଲେ। ଏହି ଦୁର୍ନୀତି ବିରୋଧରେ ବିଡିଓଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିବା ଜଣାପଡ଼ିଛି । ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡ଼ିଓ ହେମନ୍ତ ମହାନ୍ତ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଗ୍ରାମର ଗୋଲଖ ମୁଦୁଲି, ଅତୁଲ୍ୟ ସାହୁ, ଜଗଦୀଶ ଆଚାର୍ଯ୍ୟ, ନକୁଳ ସାହୁ ଓ ବିଶ୍ୱନାଥ ସାହୁ ଜଣାଇଛନ୍ତି ।

# ଚାଲାଣ ବେଳେ ବିପୁଳ ଧାନ, ଚାଉଳ ଜବତ

ନିଶ୍ଚିନ୍ତକୋଇଲି, ୯।୨(ସମିସ)

କଟକ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ ବଡକ୍ଷୀର ପଞ୍ଚାୟତ ପଣସପଡ଼ିଆଠାରେ ଥିବା ଏକ ଧାନ ଚାଉଳ ଗୋଦାମ ଉପରେ ଚଢ଼ଉ କରାଯାଇଛି । ଏହି ଗୋଦାମରୁ ବିପୁଳ ପରିମାଣରେ ଧାନ ଓ ଚାଉଳ ବାହାର ରାଜ୍ୟକୁ ଚାଲାଣ କରାଯିବା ପାଇଁ ଟ୍ରକ୍‌ରେ ଲୋଡ ହେଉଥିବା ସମୟରେ ସେଗୁଡିକୁ ଜବତ ମଧ୍ୟ କରାଯାଇଛି । ଗୋଦାମ ଗୃହ ଉପରେ ଚଢ଼ଉ କରାଯାଇ ବହୁ ଆପତ୍ତିଜନକ ଜାଲ୍ କାଗଜପତ୍ର ମଧ୍ୟ ଜବତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍ ବ୍ଲକ ଅଞ୍ଚଳର ଜଣେ ବ୍ୟବସାୟୀ ଦୀର୍ଘ ଦିନ ହେବ ଏଠାରେ ଧାନ ଓ ଚାଉଳ ସଂଗ୍ରହ କରି ଜାଲ କାଗଜପତ୍ର ମାଧ୍ୟମରେ ବାହାର ରାଜ୍ୟକୁ ପଠାଉଥିବାର ଅଭିଯୋଗ ହୋଇଆସୁଥିଲା । ଚଳିତ ବର୍ଷ ଚାଷୀଙ୍କଠାରୁ ଦଲାଲ ମାଧ୍ୟମରେ ଧାନ ସଂଗ୍ରହ କରୁଥିବାରୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ପ୍ରତି ବିମୁଖ ହୋଇଥିଲେ। ଯାହାଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମଣ୍ଡି ବନ୍ଦ୍ ହୋଇଯିବାର ଆଶଙ୍କା ଦେଖାଦେଇଥିଲା । ଏ ସଂକ୍ରାନ୍ତରେ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଯୋଗାଣ ବିଭାଗ ଅଚାନକ ଚଢ଼ଉ କରିଥିଲା । ଉକ୍ତ ବ୍ୟବସାୟୀ ଜଣକ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କର୍ମଚାରୀମାନଙ୍କ ସହିତ ଭିତିରି ସମ୍ପର୍କ ରଖି ତନଖି ଫାଟକ ଦେଇ ପ୍ରତ୍ୟେକ ଦିନ ଏକାଧିକ ଧାନ ଓ ଚାଉଳ ଟ୍ରକ ବାହାର ରାଜ୍ୟକୁ ପଠାଇବାରେ ସକ୍ଷମ ହେଉଥିଲେ । ଖବର ପାଇବା ପରେ କଟକ ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଉପେନ୍ଦ୍ର ଭୋଇ, ସାଗରିକା ରାଉତରାୟ, ରାଜଲକ୍ଷ୍ମୀ ପାତ୍ର, ବ୍ଲକ ଭାରପ୍ରାପ୍ତ ଯୋଗାଣ ଅଧିକାରୀ କେଦାର ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା ।

ସମ୍ପୃକ୍ତ ବ୍ୟବସାୟୀ ଜଣକ ପ୍ରତ୍ୟେକ ଦିନ ଏତେ ପରିମାଣରେ ଧାନ ଓ ଚାଉଳ କେଉଁଠୁ ଆଣୁଥିଲେ ଏବଂ ଏହାକୁ ବାହାର ରାଜ୍ୟକୁ ପଠାଇବାରେ କେଉଁମାନେ ତାଙ୍କୁ ସହଯୋଗ କରୁଥିଲେ ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି । ଅପରପକ୍ଷରେ ଧାନ ଗୋଦାମରେ ଚଢ଼ଉ ହେବା ପରେ ଧାନର ମୂଲ୍ୟ ମଧ୍ୟ ବେସରକାରୀ ସ୍ତରରେ ହ୍ରାସ ହୋଇଥିବା ଜଣାଯାଇଛି ।



ଗୋଦାମ ଉପରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ

■ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଜମା ଅର୍ଥ ହଡ଼ପ ଅଭିଯୋଗ

# ଥାନାରେ ଅଭିଯୋଗ କଲେ ଜମାକାରୀ

ନିଆଳି, ୯।୨(ସମିସ)

ନିଆଳି ବ୍ଲକ ଅଧୀନସ୍ଥ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବିନିଶିପୁର ଶାଖାରେ ଜମା ଅର୍ଥ ହଡ଼ପ ନେଇ ଅଭିଯୋଗ ହୋଇଛି। ଉକ୍ତ ସମସ୍ୟାର ସମାଧାନ ନହେଲେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜମାକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ଜମାକାରୀ ମାନେ ଏନେଇ ଶୁକ୍ରବାର ସନ୍ଧ୍ୟାରେ ନିଆଳି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ନିଆଳି ବ୍ଲକ ବିନିଶପୁର ପଞ୍ଚାୟତ ସ୍ଥାନୀୟ ଆମ୍ବପଡ଼ାର ମା ବୁଢ଼ିଆଣି ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ସୁଷମା ସାହୁ ଉକ୍ତ ବ୍ୟାଙ୍କରୁ ସରକାରୀ ପ୍ରୋତ୍ସାହନରେ ନେଇଥିବା ଋଣ ଟଙ୍କା ସଭ୍ୟାମାନଙ୍କ ଠାରୁ ଜମା କରିଥାନ୍ତି। ଗତ ୨୦୨୨ ମେ ୨୩ରେ ସମ୍ପାଦିକା ଉକ୍ତ ବ୍ୟାଙ୍କରେ ୧୨ ହଜାର ୫୦୦ଟଙ୍କା ଜମା କରି ରସିଦ ନେଇଥିବା ବେଳେ ଜମାଖାତା ଅପଡ଼େଟ୍ କରିବା ପାଇଁ କହିଥିଲେ ମଧ୍ୟ ବ୍ୟାଙ୍କ କର୍ମଚାରୀ ସେମାନଙ୍କୁ ପରେ ବହି ଅପଡ଼େଟ୍ ହବ କହି ଫେରାଇ ଦେଇଥିଲେ। କିଛିଦିନ ପରେ ଜମାଖାତା ଅପଡ଼େଟ୍ କରିବା ପରେ ଉକ୍ତ ତାରିଖରେ ଜମା ହୋଇଥିବା ୧୨ ହଜାର ୫୦୦ଟଙ୍କା ଜମା ଖାତାରେ ଜମା ହୋଇ ନ ଥିବା ଜଣାପଡ଼ିଥିଲା। ଏନେଇ ବାରମ୍ବାର ସେ ବ୍ୟାଙ୍କକୁ ଦୌଡ଼ି ବ୍ୟାଙ୍କ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ କୌଣସି ସୁଫଳ ନ ମିଳିବାରୁ ସମ୍ପାଦିକା ସୁଷମା ସାହୁ ଶୁକ୍ରବାର ସନ୍ଧ୍ୟାରେ ନିଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଉକ୍ତ ବ୍ୟାଙ୍କରେ ଆମ୍ବପଡ଼ାର ରେବତୀ ମଲ୍ଲିକ ତାଙ୍କ ଝିଅ ବାହାଘର ପାଇଁ ସେହି ତାରିଖରେ ତାଙ୍କ ବ୍ୟକ୍ତିଗତ ଜମା ଖାତାରେ ୨୮ ହଜାର ଟଙ୍କା ଜମା କରି ରସିଦ ନେଇଥିଲେ ମଧ୍ୟ ଜମାଖାତା ଅପଡ଼େଟ୍ କରିବା ପରେ ଉକ୍ତ ଟଙ୍କା ଜମାଖାତାରେ ନ ଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ସେ ଶାଖା ପରିଚାଳକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ ସମସ୍ୟାର ସମାଧାନ ହୋଇଯିବ କହି ବାରମ୍ବାର ବ୍ୟାଙ୍କକୁ ଦୌଡ଼ାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରେବତୀ ମଧ୍ୟ ଏନେଇ ନିଆଳି ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି ।

**ସମାଧାନ ନ ହେଲେ ଧାରଣା ଚେତାବନୀ**

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା



ମାହାଙ୍ଗା, ୯।୨(ସମିସ): ମାହାଙ୍ଗା ତହସିଲ ଅଧୀନ ରାହାଣିଆ ପଞ୍ଚାୟତ କାଳିଅଂଟି ଗ୍ରାମର ଅଭୟ ବିଶ୍ୱାଳଙ୍କ ଦୁଇ ବଖରା ଚାଳ ଛପର ଘର ଅଗ୍ନିକାଣ୍ଡ ଘଟି ଜଳି ଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ଗତକାଲି ରାତିରେ ଅଭୟଙ୍କ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଥିଲା । ଯାହା ଫଳରେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ଖବର ପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ପିଲାଙ୍କ ମଧ୍ୟାହ୍ନଭୋଜନରେ ପୋକ

**ପ୍ରତିବାଦରେ ରାସ୍ତାରେ ବସିଲେ ଅଭିଭାବକ ଓ ଛାତ୍ରୀ**

ବଡ଼ମ୍ବା, ୯।୨(ସମିସ): କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ଅଧୀନ ବଡ଼ମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ମଧ୍ୟାହ୍ନ ଭୋଜନ ସୋୟାବିନ ତରକାରୀରେ ପୁଳା ପୁଳା ଧଳା ପୋକ ବାହାରିଥିଲା । ଏନେଇ ଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏସଏଚଜି ମହିଳା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବାର ଅଭିଯୋଗ କରି ଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ସମ୍ମୁଖ ବଡମ୍ବା-ନରସିଂହପୁର ମୁଖ୍ୟ ରାସ୍ତା ଉପରେ ଧାରଣା ଦେଇଥିଲେ । ତେବେ କିଛି ସମୟ ରାସ୍ତାରୋକ କରିବା ପରେ ଘଟଣାସ୍ଥଳରେ ବଡମ୍ବା ପୁଲିସ ଓ ବ୍ଲକ ଶିକ୍ଷାଧିକାରୀ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିବା ସହ ମଧ୍ୟାହ୍ନ ଭୋଜନ ଦାୟିତ୍ୱରୁ ଏସଏଚଜି ମହିଳାଙ୍କୁ ବାଦ ଦେଇ ସ୍କୁଲ କମିଟିକୁ ବୁଝିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଦେବାପରେ ରାସ୍ତାରୋକ ହଟିଥିଲା । ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ଏହି ବିଦ୍ୟାଳୟଟିରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିବାବେଳେ ଶିକ୍ଷା ବିଭାଗର କାର୍ଯ୍ୟଧାରାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଅଭିଭାବକ ।





# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ମାହାଙ୍ଗା, ୯।୨(ସମିସ)

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ଓ ନୁର୍ତାଙ୍ଗ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀକୃଷ୍ଣପୁର ଠାରେ ପୂର୍ବତନ ସମିତିସଭ୍ୟ ବିଜୟ ସିହ୍ନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସିଡିପିଓ ପ୍ରମୋଦିନୀ ଦାସ, ସରପଞ୍ଚ ରାଜକିଶୋର ବଳ, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜୋନ ସଭାପତି ନିରଞ୍ଜନ ବିଶ୍ୱାଳ, ପଞ୍ଚାୟତ ବିଜେଡି ସଭାପତି ରାହାସ ବିହାରୀ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଚାରୁଲତା ନିହାଣ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଧନେଶ୍ୱର ସେନାପତି, ହୃଷିକେଶ ଦଳେଇ, ବିବେକାନନ୍ଦ ସାହୁ, ଶ୍ରୀକାନ୍ତ ନାୟକ, ଧ୍ୟାନରଞ୍ଜନ ଦାସ, ଚାରୁଲତା ନିହାଣ, କବିତା ଦାସ, ମଞ୍ଜୁଲତା ଜେନା, ଝରଣା କାହାଳୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନୁର୍ତାଙ୍ଗ ପଞ୍ଚାୟତରେ ସରପଞ୍ଚ ପବିତ୍ରମୋହନ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସିଡିପିଓ ପ୍ରମୋଦିନୀ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ପୂର୍ବତନ ସରପଞ୍ଚ ସବିତା ନାୟକ, ମହିଳା ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସମ୍ପାଦିକା ମମତା ବେହେରା, ପିଇଓ ଅମିତ ସ୍ୱାଇଁ, ପ୍ରକାଶ ଆଚାର୍ଯ୍ୟ, ଲଳିତମୋହନ ମହାପାତ୍ର, ଅମୀୟ ସାହୁ, ଆଇନଜୀବୀ ମଳୟ ନାୟକ, ପ୍ରମୋଦ ବାରିକ, ଗୋପାଳ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ପର୍ଶୁରାମ ସାହୁ, ତ୍ରିଲୋଚନ ବରାଳ, ସଂଗ୍ରାମ ସିଂହ, ସହଦେବ ନାୟକ, ମମତା ବରାଳ, ସସ୍ମିତା ଆଚାର୍ଯ୍ୟ, ହରପ୍ରିୟା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।



### କୋଲଣପୁର, ବାଲିଆପଦା

**ନିଶ୍ଚିନ୍ତକୋଇଲି:** କୋଲଣପୁର ପଞ୍ଚାୟତସ୍ଥିତ କୁଳିଆ, ରଘୁନାଥଜୀଉ ମେଳଣପଡ଼ିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟରେ ହୋଇଥିବା ଭିତ୍ତିଭୂମିର ବିକାଶ ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି ହୋଇଛି । ସରପଞ୍ଚ ଗୋପବନ୍ଧୁ ସେଠୀଙ୍କ ସଭାପତିତ୍ୱ ଏବଂ ପ୍ରଶାନ୍ତ କୁମାର ଜେନାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସମ୍ମାନୀତ ଅତିଥିଭାବେ ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇ, ବିଡିଓ ଧର୍ମରଞ୍ଜନ ପଣ୍ଡା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବିଜେଡି କୃଷକ ସଂଗଠନର ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ସିଡିପିଓ ସତ୍ୟଭାମା ବିଶୋଇ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ର, ବ୍ଲକ ମହିଳା ସଂଘ ସଭାନେତ୍ରୀ କନକଲତା ଭୂୟାଁ, ପଞ୍ଚାୟତ ସଭାପତି ପ୍ରେମାନନ୍ଦ ଜେନା, ଯତୀନ୍ଦ୍ରନାଥ ଜେନା, ପ୍ରହଲ୍ଲାଦ ନାୟକ, ଚିତ୍ତ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ । ସେହିପରି ବାଲିଆପଦା ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ଜେନାଙ୍କ ସଭାପତିତ୍ୱ ଏବଂ ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ବିଜେଡି ମହିଳା ସଂଗଠନର ସଭାନେତ୍ରୀ ରେଖାରାଣୀ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା ଜସ୍ମିତା ସେଠୀ, ସମିତିସଭ୍ୟ ରାଜେଶ ବେହେରା, ଅଲେଖ ଚନ୍ଦ୍ର ସାମଲ, ଅରୁଣ ସାମନ୍ତରାୟ, ଲକ୍ଷ୍ମୀଧର ଲେଙ୍କା, ଜତୀନ୍ଦ୍ର ସାମନ୍ତରାୟ, ହରେକୃଷ୍ଣ ମହନ୍ତ, ଜଳଧର ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପଞ୍ଚାୟତର ବହୁ ବୟୋଜ୍ୟେଷ୍ଠ ମୁରବୀ ଓ ପୂର୍ବତନ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।







## ମା'ବଣବାଁରେଇଙ୍କ ବାର୍ଷିକ ଉତ୍ସବ

ବାରଙ୍ଗ, ୯ ।୨(ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ଜୟପୁର ଗ୍ରାମରେ ଗୁରୁବାର ଦିନ ମା'ବଣବାଁରେଇଙ୍କ ଜନ୍ମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ମା'ଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା । ସକାଳୁ ସୂର୍ଯ୍ୟପୂଜା, ମଣ୍ଡପ ପୂଜା, ଅଗ୍ନିସ୍ଥାପନ ଉତ୍ସବ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଆଳତୀ, ପୁଷ୍ପାଞ୍ଜଳି ପରେ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା । କୁଳ ପୁରୋହିତ ଶେଷଦେବ ଷଢଙ୍ଗୀ, କର୍ତ୍ତା ଅଜୟ ରାଉତ ଓ ସ୍ନିଗ୍ଧାରାଣୀ ରାଉତଙ୍କ ଉପସ୍ଥିତିରେ ହୋମ ଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା । ଗାଁ ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁମାନେ ଯୋଗଦେଇ ସହଯୋଗ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ସନ୍ଧ୍ୟା ଆଳତି ହୋଇଥିଲା । ପରେ ଭଜନ ସନ୍ଧ୍ୟା ଆୟୋଜିତ ହେବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।



## ସ୍କୁଲରେ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା



ନିଶ୍ଚିନ୍ତକୋଇଲି, ୯।୨(ସମିସ): ଜିଗ୍ନିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେମନ୍ତ ରାଉତଙ୍କ ସଭାପତିତ୍ୱରେ ଆଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ତିଲୋତ୍ତମା ରାଉତ, ମୁଖ୍ୟବକ୍ତା ଭାବେ ଗ୍ରୀନ୍ ଭିଜନର ଅଧ୍ୟକ୍ଷ ପରିବେଶବିତ୍ ବଳରାମ ପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଉତ୍ସବ ଚରଣ ଦାସ, ଯୁବ ସ୍ୱେଚ୍ଛାସେବୀ ଦୀପକ ପରିଡ଼ା, ସ୍କୁଲ ପରିଚାଳନା କମିଟି ସଭାପତି ଭବାନୀ ପାଣିଗ୍ରାହୀ, ସନ୍ତୋଷ ଦାସ, ଶିକ୍ଷକ ସରୋଜ ମହାପାତ୍ର, ଗୀତାଞ୍ଜଳି ରାଉତ, ବର୍ଷାରାଣୀ ଦାସ, ମାନସୀ ସ୍ୱାଇଁ, ମଧୁସ୍ମିତା ମହାପାତ୍ର, ସୁରେଖା ମିଶ୍ର, ଭାନୁପ୍ରିୟା ମିଶ୍ର, ପୁଷ୍ପାଞ୍ଜଳୀ ପରିଡ଼ା, କବିତା ଦାସ ପ୍ରମୁଖ ଯୋଗଦେଇଥିଲେ । ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ଭାରତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକ ସିଟି



## ମହାନଦୀ ଓ ବିରୂପା ଆନିକଟ ମରାମତି ପାଇଁ ଟ୍ରାଫିକ୍ କଟକଣା

**କଟକ, ୯ ।୨(ସମିସ):** ମହାନଦୀ ବ୍ୟାରେଜ୍ ଡିଭିଜନ୍ ପକ୍ଷରୁ ଉଭୟ ମହାନଦୀ ଓ ବିରୂପା ଆନିକଟ ମରାମତି କାର୍ଯ୍ୟ ଆସନ୍ତା ୧୭ଦିନ ପର୍ଯ୍ୟନ୍ତ କରାଯିବ। ଏଥି ନିମନ୍ତେ ଆସନ୍ତା କାଲି ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ନୂତନ ଟ୍ରାଫିକ୍ କଟକଣା ବଳବତ୍ତର ରହିବ। ମହାନଦୀ ଆନିକଟ କାର୍ଯ୍ୟ ପାଇଁ ନିମପୁର (ଜଗତପୁର) ପଟୁ କୌଣସି ଭାରିଯାନ ମହାନଦୀ ଆନିକଟ ଦେଇ ଯୋବ୍ରା ଆଡକୁ ଯାଇପାରିବ ନାହିଁ। ଉକ୍ତ ଗାଡି ଗୁଡ଼ିକ ମଙ୍ଗୁଳିଛକ, ଶିଖରପୁର ଛକ ଦେଇ ଓଏମପି ଛକରୁ ୟୁ-ଟର୍ଣ୍ଣ ନେଇ ଶିଖରପୁର ଗୁରୁଦ୍ୱାର ଦେଇ ଯୋବ୍ରା ଆଡକୁ ଯାଇପାରିବେ। କେବଳ ୨ଚକିଆ ଯାନ, ହାଲୁକା ୪ଚକିଆ ଯାନ ଓ ଆମ୍ବୁଲାନ୍ସ ଗୁଡ଼ିକ ଏହି ରାସ୍ତାରେ ଯାତାୟତ କରିବ। ଯୋବ୍ରା ପଟୁ କୌଣସି ଯାନବାହାନ ମହାନଦୀ ଆନିକଟ ଦେଇ ନିମପୁର ଆଡକୁ ଯାଇପାରିବେ ନାହିଁ। ଉକ୍ତ ଗାଡି ଗୁଡ଼ିକ କାଳିଆବୁଦା ସର୍ଭିସ୍ ରୋଡ ଦେଇ ମହାନଦୀ ବିହାର ଛକରୁ ୟୁ-ଟର୍ଣ୍ଣ ନେଇ ଜାତୀୟ ରାଜପଥ ଦେଇ ମଙ୍ଗୁଳି ଆଡକୁ ଯାଇପାରିବେ। ବିରୂପା ଆନିକଟ କାର୍ଯ୍ୟ ସରି ନ ଥିବାରୁ କୌଣସି ଭାରିଯାନ/ଟ୍ରାକ୍ଟର ବ୍ରିଜ୍ ଉପରେ ଯାତାୟତ କରିପାରିବ ନାହିଁ। କେବଳ ଜରୁରୀକାଳୀନ ସେବାରେ ନିୟୋଜିତ ଗାଡି ଏହି ବ୍ରିଜ୍ ଉପରେ ଯାତାୟତ କରିପାରିବ ବୋଲି ପୁଲିସ କମିଶନର ସଂଜୀବ ପଣ୍ଡା ସୂଚନା ଦେଇଛନ୍ତି।

## ସିଏମ୍‌ସି କମିଶନରଙ୍କୁ ସମ୍ବର୍ଦ୍ଧନା



**କଟକ, ୯।୨(ସମିସ):** ସିଏମସି କମିସନର ତଥା ସିଡିଏ ଉପାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ବାଦାମବାଡ଼ି ଓଏସଆରଟିସି ବ୍ୟବସାୟୀ ମହାସଂଘ ତରଫରୁ ତାଙ୍କ ସିଡିଏ କାର୍ଯ୍ୟାଳୟରେ ସଂଘ ଉପାଧ୍ୟକ୍ଷ ନିମାଇଁ ଚରଣ ବିଶ୍ୱାଳଙ୍କ ନେତୃତ୍ୱରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ସଭାପତି ନିଧି ରାଉତ, ସମ୍ପାଦକ ଅଜୟ ମହାପାତ୍ର, ଜୁଲୁ ବେହେରା, ବ୍ରଜେଶ ବିଶ୍ୱାଳ, ଧୀରେନ୍ଦ୍ର ବେହେରା, ବୁଲୁ ଘୋଷ, ରବିନ୍ଦ୍ର ବାରିକ, ଶରତ ସେଠୀ, ମାନସ ପଟ୍ଟନାୟକ, ଗଣେଶ ମୁଦୁଲି, କେଦାର ରେଡ଼ି, ପ୍ରମୋଦ ଖୁଣ୍ଟିଆ, ମିଟୁଆ ପ୍ରଧାନ, ଗୋପାଳ ନାୟକ, ବିପିନି ମହାନ୍ତି, ରମେଶ ବେହେରା, ଛବି ଖୁଣ୍ଟିଆ, ବୁଢ଼ା ନନ୍ଦ, ବୁଲୁ ବାରିକ ପ୍ରମୁଖ ସାକ୍ଷାତ କରିଥିଲେ।

## ଏସ୍‌ସିବିରେ ମାତିଛନ୍ତି ଅସାଧୁ କର୍ମଚାରୀ

# ‘ନିର୍ମଳ ++’ ଲାଗୁ ହେଲେ ହଟିବେ ଦଲାଲ

**କଟକ, ୯।୨(ସମିସ)**

ରାଜ୍ୟ ସରକାର ଆରମ୍ଭ କରିଛନ୍ତି ନିର୍ମଳ ଯୋଜନା। ଏହା ଭିତରେ ଏସ୍‌ସିବି ମେଡ଼ିକାଲ ରହିଛି ନିର୍ମଳ ++ କାଟାଗୋରୀରେ। ଏସସିବିରେ ଉକ୍ତ ଯୋଜନା ଲାଗୁ ହେବା ପାଇଁ ଗତବର୍ଷ ପଦକ୍ଷେପ ଆରମ୍ଭ କରାଯାଇଥିଲା। ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ୍ ଲିମିଟେଡ(ଓବିସିସି) ପକ୍ଷରୁ ଏକ ଅନୁଧ୍ୟାନ ରିପୋର୍ଟ ଦାଖଲ କରାଯିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁଏସସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏକ ଚିଠି ମଧ୍ୟ ଆସିଥିଲା। ଓବିସିସିର ରିପୋର୍ଟ ଉପରେ ଏସ୍‌ସିବି ଅଧୀକ୍ଷକ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ନିଜସ୍ୱ ମତ ରଖିଥିଲେ। ଏହି ଯୋଜନା ଦ୍ୱାରା ସଫେଇ ଠାରୁ ଆରମ୍ଭ କରି ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ଆଗାମୀ ଦିନରେ ସବୁ ଆଉଟସୋର୍ସିଂ ବ୍ୟବସ୍ଥା ଗୋଟିଏ ଟେଣ୍ଡର ମାଧ୍ୟମରେ ହେବ। ଏସ୍‌ସିବି ମେଡିକାଲରେ ବିଭିନ୍ନ କାର୍ଯ୍ୟ ସ୍ୱଚ୍ଛତା ଭାବେ ଏବଂ ବ୍ୟବସ୍ଥିତ ଢ଼ଙ୍ଗରେ କରାଯିବା ପାଇଁ ଉକ୍ତ ଯୋଜନା ଲାଗୁ ହେବା ନିହାତି ଆବଶ୍ୟକ। ହେଲେ ଏ ପର୍ଯ୍ୟନ୍ତ ଉକ୍ତ ଯୋଜନା ଲାଗୁ ନହୋଇ ପାରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପାଶ୍ୱର୍ରେ ଏସ୍‌ସିବି ମେଡିକାଲର କିଛି ଅସାଧୁ କର୍ମଚାରୀ ଦଲାଲି କରି ଗିରଫ ହେଉଛନ୍ତି। ନିର୍ମଳ



- କାର୍ଯ୍ୟକାରୀ ଅପେକ୍ଷାରେ ରହିଛି ଯୋଜନା
- ଅନୁଧ୍ୟାନ ରିପୋର୍ଟ ଦାଖଲ କରିସାରିଛି ଓବିସିସି

++ ଯୋଜନା କାର୍ଯ୍ୟକାରୀ ହେଲେ ଏହି ସମସ୍ୟାର ଅନ୍ତ ଘଟିବ ବୋଲି କୁହାଯାଉଛି।

ପ୍ରକାଶ ଥାଉକି, ଏସ୍‌ସିବି ମେଡ଼ିକାଲରେ ଦଲାଲ ଦମନ ପାଇଁ ପୁଲିସ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି। ମେଡ଼ିକାଲ ଭିତରେ ସାଦା ପୋଷାକରେ ଘୂରି ବୁଲୁଛନ୍ତି ପୁଲିସ କର୍ମଚାରୀ। ଦିନ ରାତି ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଛି। ହେଲେ ଦଲାଲଙ୍କ ସଂଖ୍ୟା କମୁନି। ଜଣକ ପରେ ଜଣେ ଦଲାଲ ଗିରଫ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ, ଧରାପଡୁଥିବା ଦଲାଲମାନେ କୌଣସି ବାହାରର ବ୍ୟକ୍ତିବିଶେଷ ନୁହଁନ୍ତି ବରଂ ମେଡ଼ିକାଲରେ କାର୍ଯ୍ୟ କରୁଥିବା ବିଭିନ୍ନ ଠିକାର ସଂସ୍ଥାର କର୍ମଚାରୀ। ସେବା ନାଁରେ ଏମାନେ ଶୋଷଣରେ ମାତିଥିଲେ। ଗତ ଗୋଟିଏ ବର୍ଷ ଭିତରେ ଏଭଳି ୫/୬ଜଣ ମେଡ଼ିକାଲ କର୍ମଚାରୀ ଦଲାଲି କରି ପୁଲିସ ହାତରେ ଧରାପଡ଼ିଥିଲେ। ଗତକାଲି ମଧ୍ୟ ଜଣେ କର୍ମଚାରୀଙ୍କୁ ଦଲାଲି କରୁଥିବା ବେଳେ ଟ୍ରମା କାଜୁଆଲିଟି ନିକଟରୁ ପୁଲିସ ଗିରଫ କରିଥିଲା। ଠିକା କର୍ମଚାରୀଙ୍କ ଏଭଳି କାର୍ଯ୍ୟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କର ମଧ୍ୟ ଚିନ୍ତା ବଢ଼ାଇ ସାରିଲାଣି। ଆଗାମୀ ଦିନରେ ଲାଗୁ ହେବାକୁ ଥିବା ସରକାରୀ ଯୋଜନା ଏହି ସମସ୍ୟାର ଏକମାତ୍ର ସମାଧାନ ବୋଲି ମେଡିକାଲର ବରିଷ୍ଠ ଅଧିକାରୀ କୁହନ୍ତି। ଖୁବଶୀଘ୍ର ଏସସିବି ମେଡ଼ିକାଲରେ ନିର୍ମଳ ++ ଯୋଜନା କାର୍ଯ୍ୟ କାରୀ ହେବ। ଏହା ଦ୍ୱାରା ସମସ୍ତ ଆଉଟସୋର୍ସିଂ ତଥା ଠିକା ସଂସ୍ଥାକୁ ହଟାଇ ଦିଆଯିବ ବୋଲି ଆଶା ମଧ୍ୟ ରହିଛି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡ଼ିକାଲରେ ବିଭିନ୍ନ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯେପରିକି ସଫେଇ କାର୍ଯ୍ୟ ପାଇଁ ପରିତୋଷ, ମେଡ଼ିକାଲରେ ରୋଗୀଙ୍କ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରିବା ପାଇଁ ମଞ୍ଜୁଶ୍ରୀ, ସୁରକ୍ଷା ବ୍ୟବସ୍ଥା ପାଇଁ ନିରାକାର, କମ୍ପ୍ୟୁଟର କାର୍ଯ୍ୟ ପାଇଁ ରେଡଟେକ ଭଳି ସଂସ୍ଥା କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ଅନ୍ୟ କାର୍ଯ୍ୟ ଲାଗି ମଧ୍ୟ ଆଉ କିଛି ଠିକା ସଂସ୍ଥା ରହିଛନ୍ତି। ନିର୍ମଳ ଯୋଜନା ଦ୍ୱାରା ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବ। ଗୋଟିଏ ସଂସ୍ଥା ଟେଣ୍ଡର ମାଧ୍ୟମରେ ସମସ୍ତ ଦାୟିତ୍ୱ ନେବ। ଏହା ପରେ ଫ୍ରାଞ୍ଚାଇଜ ଦ୍ୱାରା ଉକ୍ତ ସଂସ୍ଥା ଅନ୍ୟ ଠିକା ସଂସ୍ଥାକୁ କାର୍ଯ୍ୟ ଦେଇପାରେ ବୋଲି ଏସ୍‌ସିବିର ଜନୈକ ବରିଷ୍ଠ ଅଧିକାରୀ ଜଣାଇଛନ୍ତି। ଦଲାଲ ଦମନ ପାଇଁ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ହିଁ ଏକମାତ୍ର ବିକଳ୍ପ ହୋଇପାରେ ବୋଲି ଆଶା ସଞ୍ଚାର କରିଛି।

## ସାମ୍ବାଦିକମାନଙ୍କ ପାଇଁ ପ୍ରତୀକାତ୍ମକ ଲୋଗୋ ଉନ୍ମୋଚିତ

**କଟକ, ୯।୨(ସମିସ):** ସାମ୍ବାଦିକତାର ପରିପୁଷ୍ଟତା, ସାମ୍ବାଦିକ ସମୂହର ବୃତ୍ତିଗତ ଓ ଅର୍ଥନୈତିକ କଲ୍ୟାଣ ତଥା ସାମାଜିକ ସୁରକ୍ଷା ଉଦ୍ଦେଶ୍ୟରେ ଭାରତୀୟ ସାମ୍ବାଦିକ ଉନ୍ନୟନ ପରିଷଦ ଗଠନ କରାଯାଇଛି। ସାମ୍ବାଦିକତା କ୍ଷେତ୍ରରେ ଦେଶରେ ତଥା ଦେଶ ବାହାରେ ଘଟୁଥିବା ଘଟଣା ସମୂହ ଚିନ୍ତାର ବିଷୟ ହୋଇଥିବା ବେଳେ ଏ କ୍ଷେତ୍ରରେ ସଚେତନତାର ଆବଶ୍ୟକତା ରହିଛି। ସାମ୍ବାଦିକତାର ସୁରକ୍ଷା ଓ କଲ୍ୟାଣ ସମ୍ପର୍କରେ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ଭାରତୀୟ ସାମ୍ବାଦିକ ଉନ୍ନୟନ ପରିଷଦ ଆସନ୍ତା ଦିନରେ ସର୍ବଭାରତୀୟ ସ୍ତରରେ ଏକ “ଜର୍ଣ୍ଣାଲିଷ୍ଟ କଂଗ୍ରେସ’ର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହା ଭୁବନେଶ୍ୱରରୁ ଆରମ୍ଭ ହେବ। ଜର୍ଣ୍ଣାଲିଷ୍ଟ କଂଗ୍ରେସକୁ ସଫଳ ତଥା ସୁଦୂରପ୍ରସାରୀ କରିବା ପାଇଁ ସମଗ୍ର ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରତୀକାତ୍ମକ ଲୋଗୋ ଚୟନ କରାଯାଇଛି ବୋଲି ସ୍ଥାନୀୟ ସର୍କିଟ ହାଉସରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ଲୋଗୋ ଉନ୍ମୋଚିତ ହୋଇଥିଲା। ଏପରିକି ସାମ୍ବାଦିକମାନଙ୍କର “ଆକ୍ରୋନେମ’ (ନାମ ପୂର୍ବରୁ ପଦବୀ ଲାଗିବା) ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀରେ ଦେଶରୁ ପ୍ରାୟ୨୦୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଉଥିବା ବେଳେ ଦେଶ ବାହାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




ଏହି ବୈଠକରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଶ୍ରୀରାମ ଦାସ, ପୀତବାସ ମିଶ୍ର, ଡଃ ସତ୍ୟ ରାୟ, ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଭୁତି ଭୂଷଣ କର, ସାଧାରଣ ସମ୍ପାଦକ ସନତ ମିଶ୍ର, ପବିତ୍ର ମହାରଥା, ନିମେଇ ଦାସ, ପାର୍ଥସାରଥୀ ଜେନା, ସନାତନ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ଖୁବଶୀଘ୍ର ଜର୍ଣ୍ଣାଲିଷ୍ଟ କଂଗ୍ରେସକୁ ବର୍ଗାଭିମୁଖୀ କରିବାପାଇଁ ଜାତୀୟସ୍ତରରେ ଏକ ପ୍ରତୀକାତ୍ମକ ମାସ୍କଟ ମଧ୍ୟ ଉନ୍ମୋଚିତ ହେବ ଏବଂ ଏହି ମାସ୍କଟ ରାଜ୍ୟର ସମସ୍ତ ଜିଲ୍ଲା ସମେତ ସମଗ୍ର ଭାରତ ବର୍ଷ ପରିକ୍ରମଣ କରିବ ବୋଲି ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ରେଭେନ୍ସାରେ ‘ନୂଆ-ଓ’ ଓଡିଆ ପ୍ରତିଯୋଗିତା ଉଦ୍‌ଯାପିତ



**କଟକ, ୯ ।୨(ସମିସ)**

ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ‘ନୂଆ-ଓ’ ଓଡିଆ ଭାଷା-ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଆରତୀ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରକାଶ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ କବି ତଥା ଗାଳ୍ପିକ ସରୋଜ ବଳ ଯୋଗଦେଇ ଓଡ଼ିଆ ଭାଷା/ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ।

ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ସଂଯୋଜିକା ଡ. ସବିତା ମିଶ୍ର ଓ ଉପଦେଷ୍ଟା ଡ. ସନାତନ ବେହେରା ଏଥିରେ ଉଦ୍‌ବୋଧନ ଦେଇଥିଲେ। ଡ. ରୀତା ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସୁଜାତା ମୁଦୁଲି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୌଭାଗ୍ୟ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ଉପସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ବନ୍ଦ ନ ହେବାରୁ ବଢୁଛି ଅସନ୍ତୋଷ

**ନିଶ୍ଚିନ୍ତକୋଇଲି, ୯।୨(ସମିସ):** କଟରପଡା ପଞ୍ଚାୟତସ୍ଥିତ ସାଙ୍କିଲୋ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ନୂତନ ଗୃହ ନିର୍ମାଣ ହେଉଥିବା ଜମି ଜମାର ତଦନ୍ତ ପାଇଁ ପ୍ରଶାସନିକସ୍ତରରେ ଏକ କମିଟି ଗଠନ କରାଯାଇଛି। ଯେଉଁସ୍ଥାନରେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯାଉଛି ସେଠାକୁ ଯାତାୟାତ ପାଇଁ ରାସ୍ତା ନ ଥିବାରୁ ପରେ ସମସ୍ୟା ଉପୁଜିବାକୁ ନେଇ ଆଶଙ୍କା ପ୍ରକାଶ ପାଇଥିବା ଅଭିଯୋଗ କରି ଏହି ପଞ୍ଚାୟତର ସମିତିସଭ୍ୟା ସ୍ୱାଗତିକା ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାଛଡା ଯେଉଁସ୍ଥାନରେ ନୂତନ ଗୃହ ନିର୍ମାଣ କରାଯାଉଛି ସେ ଜମିଟି ଘରଡିଅକୁ କିସମ ପରିବର୍ତ୍ତନ କରାଯାଇ ନ ଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ନିର୍ମାଣାଧୀନ ଥିବା ଜାଗାଟି କିସମ ପରିବର୍ତ୍ତନ ହୋଇ ନ ଥିବା ବେଳେ ସେଠାକୁ ରାସ୍ତା ନଥାଇ ମଧ୍ୟ କିଭଳି ସରକାରୀ ଅନୁଦାନ ବ୍ଲକ ପ୍ରଶାସନ ପକ୍ଷରୁ ଖର୍ଚ୍ଚ କରାଯାଉଛି ସେ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପ୍ରକୃତ ଉକ୍ତ ଜମିଜମା ଘଟଣାକୁ ତଦନ୍ତ କରି ସଂପୃକ୍ତ ସମିତିସଭ୍ୟ ଓ ଗ୍ରାମବାସୀମାନଙ୍କୁ ଅବଗତି କରିବା ନିମନ୍ତେ ବିଡିଓଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ତହସିଲଦାର, ଥାନା ଆଇଆଇସି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଏବଂ ବ୍ଲକର ଅତିରିକ୍ତ ବିଡିଓ ରହିଥିବା ଜଣାଯାଇଛି। ଜମି ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ ହେବା ପର୍ଯ୍ୟନ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ ବନ୍ଦ୍ ହେବା ପାଇଁ ଅନଶନକାରୀମାନେ ଦାବି କରିଥିଲା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ଯାଞ୍ଚ ନ କରି ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରି କାର୍ଯ୍ୟ କରୁଥିବାରୁ ଗ୍ରାମାବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗଠନ କରାଯାଇଥିବା କମିଟି ମାଧ୍ୟମରେ ରାସ୍ତାର ଓ ନିର୍ମାଣାଧୀନ ଜମିଜମାର ଯାଞ୍ଚ କରାଯାଇ ସଠିକ୍ ପ୍ରମାଣ ଦେବା ପରେ ନିର୍ମାଣ କାର୍ଯ୍ୟ କରାଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇ ଅନଶନରୁ ଉଠାଇବାର ଗୋଟିଏ ଦିନ ମଧ୍ୟରେ କିଭଳି ପ୍ରତିଶ୍ରୁତି ଭୁଲି ଯାଉଛନ୍ତି ସେ ନେଇ ଅନଶନକାରୀମାନେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଗଠନ କରାଯାଇଥିବା କମିଟିକୁ ଯାଞ୍ଚ କରିବା ପାଇଁ ଜଣାଇ ଦିଆଯାଇଛି। ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟ ପାଇଁ ସେମାନେ ବ୍ୟସ୍ତ ରହୁଥିବାରୁ ସୁବିଧା ହେଲେ ଯାଞ୍ଚ କାର୍ଯ୍ୟ କରି ସମସ୍ତ ତଥ୍ୟ ଅନଶନକାରୀଙ୍କୁ ଜଣାଇଦେବେ ବୋଲି ପ୍ରକାଶ କରିଛନ୍ତି।

# ବ୍ୟାଙ୍କ ପାଇଁ ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା

## ପର୍ଯ୍ୟାପ୍ତ ପାର୍କିଂ ସୁବିଧା ନାହିଁ

**କଟକ, ୯।୨(ସମିସ)**

କଟକ ସହରର କେତେକ ପ୍ରମୁଖ ରାସ୍ତା କଡରେ ବିଭିନ୍ନ ରାଷ୍ଟ୍ରାୟତ ତଥା ଘରୋଇ ବ୍ୟାଙ୍କ ଗୁଡିକ ଯୋଗୁ ନାହିଁ ନ ଥିବା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ନିଜସ୍ୱ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ନ ଥାଇ ମଧ୍ୟ ଏଗୁଡିକ ଚାଲୁଥିବାରୁ କମିଶନରେଟ ପୁଲିସ ମଧ୍ୟ ଅଡୁଆରେ ପଡିଛି। ବ୍ୟାଙ୍କକୁ ନିୟମିତ ଆସୁଥିବା ଗ୍ରାହକଙ୍କ ଲାଗି ଗାଡି ପାର୍କିଂ କରିବା ପାଇଁ ବହୁ ବ୍ୟାଙ୍କ ଶାଖାରେ ବ୍ୟବସ୍ଥା ନାହିଁ। ଏଭଳି କେତେକ ସମ୍ବେଦନଶୀଳ ସ୍ଥାନରେ ପୁଲିସ ପାଇଁ ଟ୍ରାଫିକ ନିୟନ୍ତ୍ରଣ କାଠିକର ପାଠ ହୋଇଛି। ଦୁଇ ଚକିଆ ଓ ଚାରିଚକିଆ ଯାନବାହନ ଗୁଡିକ ଏଥିପାଇଁ ଅବାଧ ପାର୍କିଂ ହୋଇଆସୁଛି। ସହରରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ନିଜସ୍ୱ ପାର୍କିଂ ସ୍ଥାନ କରିବା ପାଇଁ ଓଡିଶା ହାଇକୋର୍ଟ ଅତୀତରେ ନିର୍ଦ୍ଦେଶ ଦେଇଥିଲେ। ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ସେମାନଙ୍କ ମୋଟ ଜାଗାର ୧୫ରୁ ୨୦ ପ୍ରତିଶତ ପାର୍କିଂ ଲାଗି ଉନ୍ମୁକ୍ତ ରଖିବା ପାଇଁ କୁହାଯାଇଥିଲା। ଅଥଚ ବ୍ୟାଙ୍କ ଗୁଡିକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। କଟକର ବ୍ୟସ୍ତବହୁଳ ରାସ୍ତା ବାଦାମବାଡି, ମଧୁପାଟଣା, ଅରୁଣୋଦୟ ମାର୍କେଟ, ବକ୍ସିବଜାର, ତିନିକୋଣିଆ ବଗିଚାରେ ଏପରି ୨୦ରୁ ଅଧିକ ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀ ଆଦି ରହିଛି। ରାସ୍ତା କଡରେ ଏଗୁଡିକ ଅବସ୍ଥିତ ହୋଇଥିବାରୁ ସମସ୍ୟା ସୃଷ୍ଟି ହେଉଥିବାର ପରିଲକ୍ଷିତ ହୋଇଛି। ସହରର ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ବେଶୀ ଟ୍ରାଫିକ ଜାମ ହେଉଥିବାର ପରିଲକ୍ଷିତ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଏନେଇ କିଛି ସନ୍ତୋଷଜନକ ଉତ୍ତର ରଖୁ ନ ଥିବା ଜଣାପଡିଛି। ସହରରେ ବ୍ୟାଙ୍କ ଗୁଡିକ ସାଧାରଣତଃ ଭଡା ଘରେ ଚାଲିଆସୁଥିଲା ବେଳେ ବ୍ୟାଙ୍କ ଖୋଲାଯିବା ଆଗରୁ ପାର୍କିଂ ସମସ୍ୟା ପ୍ରତି ଦୃଷ୍ଟି ଦେବା ଉଚିତ ବୋଲି ଅନେକ ମତ ଦିଅନ୍ତି।












